# ତହସିଲଦାରଙ୍କ କାର୍ଯ୍ୟାଳୟ, ଟାଙ୍ଗରପାଲି

ବିଜ୍ଞପ୍ତି ସଂଖ୍ୟା:- ୯୪୧୭ ତାରିଖ- ୦୩/୦୮/୨୦୨୨

## ପଞ୍ଚବାର୍ଷିକ ଦୀର୍ଘ ମିଆଦି ସୁତ୍ରେ ଲଘୁଖଣିଜ ସୈରାତ ଉତ୍ସର ଲିଜ୍ ନିଲାମ ଇସ୍ତିହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ (OMMC Rule)-2016 ଏବଂ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ (ସଂଶୋଧିତ)-2022 ର ନିୟମାନୁଯାୟୀ ଓଡ଼ିଶା ସରକାରଙ୍କ ରାଜସ୍ଵ ବିଭାଗ ଅଧିନସ୍ଥ ସୁନ୍ଦରଗଡ ଜିଲ୍ଲାର ଟାଙ୍ଗରପାଲି ତହସିଲ ଅନ୍ତର୍ଗତ ସାରଣୀ-01 ରେ ପ୍ରଦତ୍ତ 06 ଗୋଟି ଲଘୁଖଣିଜ ଉତ୍ସ ଗୁଡିକୁ 2022-23 ରୁ ଆଗାମୀ 05 ବର୍ଷ ପାଇଁ ତହସିଲଦାର, ଟାଙ୍ଗରପାଲିଙ୍କ ଦ୍ଵାରା ଲିଜ ସୁତ୍ରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିରିକୃତ ହୋଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule- 2016 ର Form-M ର ତିନିକିତା ନକଲ ସହିତ ଆବଶ୍ୟକୀୟ ଦଲିଲ ସଂଲଗ୍ନ କରି ବନ୍ଦ ଲଫାପା (Sealed Cover) ଉପରେ ଆବେଦନ କରୁଥିବା ସୈରାତ ଉତ୍ସର ନାମ ଉଲ୍ଲେଖ କରି ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା Drop Box ରେ ତା. **22.08.2022** ରିଖ ପୂର୍ବାହ୍ନ **11.00** ଘଟିକା ସୁଦ୍ଧା ପକାଇବା ପାଇଁ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏହି Drop Box ସେହି ଦିନ ଅର୍ଥାତ୍ ତା- **22.08.2022** ରିଖ ପୂର୍ବାହ୍ନ **11.30** ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲା ଯାଇ ଲିଜ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯେଉଁ ସୈରାତ୍ ଉତ୍ସ ଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନଥିବ କିମ୍ବା କୌଣସି କାରଣ ବଶତଃ ଲିଜ ଚୁଡାନ୍ତ ହୋଇ ନପାରିଲେ, ସେହି ଉତ୍ସ ଗୁଡିକ ନିମିତ୍ତ ଦ୍ଵିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା **25.08.2022** ଓ ତା. **29.08.2022** ପୂର୍ବାହ୍ନ **11.00** ଘଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା Drop Box ରେ ଦରଖାସ୍ତ ପକାଇବା ପାଇଁ ଧାର୍ଯ୍ୟ କରାଯାଇଅଛି ଏବଂ ପୂର୍ବପରି ସେହି ଦିନ ପୂର୍ବାହ୍ନ **11.30** ଘଟିକା ସମୟରେ Drop Box ଖୋଲାଯାଇ ଲିଜ୍ ଚୁଡାନ୍ତ କରାଯିବ । **ଲିଜ୍ ସମ୍ବନ୍ଧୀୟ ସମସ୍ତ ନିୟାମବଳୀ, ଆବଶ୍ୟକୀୟ ଦସ୍ତାବିଜ ଓ FORM-M ପାଇଁ ଇଚ୍ଛୁକ** ବ୍ୟକ୍ତି ବିଶେଷ ସମସ୍ତ କାର୍ଯ୍ୟଦିବସରେ **ତହସିଲ କାର୍ଯ୍ୟାଳୟ, ଟାଙ୍ଗରପାଲିରେ ଯୋଗାଯୋଗ କରିପାରିବେ । ଏହି ବିଜ୍ଞାପନ** ସମ୍ବନ୍ଧୀୟ ସମସ୍ତ ବିବରଣୀ ସୁନ୍ଦରଗଡ ଜିଲ୍ଲା Website **"sundargarh.nic.in"** ରେ ଉପଲବ୍ଧ ଅଛି ।

**ତହସିଲଦାର, ଟାଙ୍ଗରପାଲି**

Scanned with CamScanner

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ଦସ୍ତାବିଜ:-

1. ଦରଖାସ୍ତ ଶୁଳ୍କ ସକାଶେ ଟ. 1000.00 (ଏକ ହଜାର ଟଙ୍କା) ମାତ୍ର ଟ୍ରେଜେରୀ ଚାଲାଣ **(Head of Account 0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties)** । ଏହି ଦରଖାସ୍ତ ଶୁଳ୍କ ଫେରସ୍ତ କରାଯିବ ନାହିଁ।
2. ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ଓଡିଶା ସରକାରଙ୍କୁ ପୈଠ କରିବାକୁ ନଥିବା ସମ୍ବନ୍ଧୀୟ ସତ୍ୟପାଠ **।(Affidavit)**
3. ଦରଖାସ୍ତକାରୀ ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ **(Minimum Guaranteed Quantity X (Royalty + Additional Charge Offered))** ଠାରୁ ଅଧିକ ମୂଲ୍ୟର ବିଗତ 2021-22 ଆର୍ଥିକ ବର୍ଷରେ ଦାଖଲ କରିଥିବା ବାର୍ଷିକ ଆୟକର ପ୍ରମାଣ ପତ୍ର କିମ୍ବା ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ସଂଲଗ୍ନ କରିବେ। (Income Tax Return of previous financial year showing annual income for an amount not less than the amount of additional charge offered and the royalty payable for the minimum guaranteed quantity for one whole year or Bank guarantee valid for a period of eighteen months for the amount not less then the amount as above).
4. **Earnest Money** ପାଇଁ ସାରଣୀ – 01 ର ସ୍ତମ୍ଭ-10 ରେ ପ୍ରଦାନ କରାଯାଇଥିବା ମୂଲ୍ୟର **Bank Draft** ତହସିଲଦାର, ଟାଙ୍ଗରପାଲିଙ୍କ ନାମରେ **(Payable at SBI, Sundargarh)** ପ୍ରସ୍ତୁତ କରି **Form-M** ସହିତ ଦାଖଲ କରିବେ । ଯୋଗ୍ୟ ବିବେଚିତ ହୋଇନଥିବା ଦରଖାସ୍ତକାରୀ ତାଙ୍କ **Earnest Money** ଲିଜ୍ ଚୂଡାନ୍ତ ହେବାପରେ ଆବେଦନ କରି ଫେରସ୍ତ ନେଇପାରିବେ ।

ତହସିଲଦାର, ଟାଙ୍ଗରପାଲି

Scanned with CamScanner

ଏତଦ୍ ବ୍ୟତିତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ୍ତ ଗୁଡିକ ସମ୍ବନ୍ଧରେ ଧ୍ୟାନ ରଖି ନିଲାମରେ ଅଂଶଗ୍ରହଣ କରିବେ ।

## ସର୍ତ୍ତାବଳୀ

| | |
|---|---|
| 1 | ଆବେଦନକାରୀମାନେ ଲିଜ ସମ୍ବନ୍ଧୀୟ ଓଡିଶା ଲଘୁ ଖଣିଜ ରିହାତି ଆଇନ୍ –୨୦୧୬ (OMMC Rules-2016) , ଓଡିଶା ଲଘୁ ଖଣିଜ ରିହାତି ଆଇନ୍ (ସଂଶୋଧିତ)–୨୦୧୭,୨୦୧୮ ଏବଂ ୨୦୨୨ର ସମସ୍ତ ନିୟମ ଓ ସର୍ତ୍ତାବଳୀର ପରିସର ଭୁକ୍ତ ରହିବେ । |
| 2 | ଲିଜ୍ ରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଉସଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜଧାରୀ ରାସ୍ତାଘାଟ ଏବଂ ଗମନାଗମନ ସୁବିଧା ପାଇଁ ନିଜେ ଦାୟୀ ରହିବେ । ଲିଜ୍ ନେବା ପରେ ସୈରାତ୍ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । |
| 3 | ଓଡିଶା ସରକାରଙ୍କ ଦ୍ଵାରା ନିମ୍ନମତେ ରୟାଲଟି, Surface Rent & Dead Rent ଧାର୍ଯ୍ୟ କରାଯାଇଅଛି ।<br>a Royalty of Sand (per cum) :- Rs. 35.00<br>b Surface Rent (per year per hectare) :- Rs. 360.00<br>c Dead Rent (per year per hectare) :- Rs. 10500.00 |
| 4 | ସାରଣୀ – 01 ର ସ୍ତମ୍ଭ- 10 ରେ ପ୍ରଦାନ କରାଯାଇଥିବା ଅନୁମୋଦିତ ଅତିରିକ୍ତ ଦେୟ (Additional Charge) ଠାରୁ କମ୍ ମୂଲ୍ୟ ଦର୍ଶାଇଥିବା ଏବଂ ଆବଶ୍ୟକୀୟ ସମସ୍ତ ଦସ୍ତାବିଜ ନଥିବା ଦରଖାସ୍ତ ଗୁଡିକୁ ନାକଚ କରିଦିଆଯିବ । |
| 5 | OMMC Rule- 2016 ର ନିୟମ – 27 (5) ଅନୁଯାୟୀ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଦରଖାସ୍ତ କାରୀ ଙ୍କୁ ସଂପୃକ୍ତ ସୈରାତ୍ ଉସର ଲିଜ୍ ପ୍ରଦାନ କରାଯିବ । ଯଦି ଏକାଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ଧାରୀଙ୍କୁ ଚୟନ କରାଯିବ । |
| 6 | Competent Authorityଙ୍କ ଠାରୁ Form- F ସୂଚନା ପ୍ରାପ୍ତ ହେବାର ୧୫ ଦିନ ମଧ୍ୟରେ ସଫଳ ନିଲାମଧାରୀ ତାଙ୍କ ସମ୍ମତି ଜଣାଇବା ସହ ସୈରାତ ଉସର ବାର୍ଷିକ ରୟାଲଟି (Royalty + Addl. Charge per cum x MGQ) ଓ DMF ବାବଦ ଦେୟ ରାଶିକୁ ଏକତ୍ର କରି ତାହାର ଏକଚତୁର୍ଥାଂଶରୁ Earnest Money କୁ ବିଯୁକ୍ତ କରି ବଳକା ରାଶିକୁ ସୁଧବିହୀନ ଅମାନତ ରାଶି ହିସାବରେ ଜମା ଦେବେ । |
| 7 | ଯଦି ସର୍ବାଧିକ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ବ୍ୟକ୍ତି ୧୫ ଦିନ ମଧ୍ୟରେ ଉପରୋକ୍ତ ରାଶି ଜମା ନକରନ୍ତି ତେବେ ତାଙ୍କ Earnest Money କୁ ବାଜ୍ୟାପ୍ତ କରାଯାଇ ଦ୍ଵିତୀୟ ସର୍ବାଧିକ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ବ୍ୟକ୍ତିଙ୍କୁ ସୁଯୋଗ ଦିଆଯିବ। |
| 8 | ଯଦି ଦ୍ଵିତୀୟ ସର୍ବୋଚ୍ଚ ନିଲାମଧାରୀ ପ୍ରଥମ ସର୍ବୋଚ୍ଚ ନିଲାମଧାରୀ କିମ୍ବା ନିକଟବର୍ତ୍ତୀ ସୈରାତ୍ ଉସଠାରୁ ଅତ୍ୟଧିକ କମ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥାନ୍ତି ତେବେ Controlling Authority ଙ୍କ ଅନୁମୋଦନ କ୍ରମେ ଉକ୍ତ ନିଲାମକୁ ରଦ୍ଦ କରାଯିବ । |
| 9 | ଯଦି ଦ୍ଵିତୀୟ ସର୍ବୋଚ୍ଚ ନିଲାମଧାରୀ ଧାର୍ଯ୍ୟ ସମୟସୀମା ମଧ୍ୟରେ ତାଙ୍କ ସମ୍ମତି ପ୍ରଦାନ ନକରନ୍ତି କିମ୍ବା Controlling Authorityଙ୍କ ଦ୍ଵାରା ନିଲାମ ରଦ୍ଦ କରାଯାଇ ଥାଏ ତେବେ ପରବର୍ତ୍ତୀ ଉଚ୍ଚ ଅଧିକାରୀ ( Next Higher Authority ) ଙ୍କ ଅନୁମୋଦନ କ୍ରମେ ପରବର୍ତ୍ତୀ ନିଲାମ କରାଯିବ । |
| 10 | ନିଲାମ ଚୟନ ପ୍ରକ୍ରିୟା ଶେଷ ହେଲା ପରେ ଅସଫଳ ଆବେଦନକାରୀଙ୍କ Earnest Money ଏବଂ Bank Guaranteeକୁ ଫେରସ୍ତ କରାଯିବ। |
| 11 | ତହସିଲ କାର୍ଯ୍ୟାଳୟ ତରଫରୁ mining plan ଏବଂ Environment Clearance ଅନୁମୋଦନ କରାଯାଇ ଥାଏ ତେବେ ଏ ବାବଦରେ ହୋଇଥିବା ଖର୍ଚ୍ଚ ନିଲାମଧାରୀ ମାନେ ବହନ କରିବେ। |
| 12 | ଯଦି Mining Plan (Form - O) ଓ Environment Clearance ଅନୁମୋଦିତ ହୋଇନଥିବ ତେବେ ଯୋଗ୍ୟ ବିବେଚିତ ନିଲାମ ଧାରୀ 03 ମାସ ମଧ୍ୟରେ ଅନୁମୋଦିତ Mining Plan Form-O ଓ Environment Clearance ଦାଖଲ କରିବେ । ଏତଦ୍ ବ୍ୟତୀତ ଓଡିଶା ରାଜ୍ୟ ପ୍ରଦୂଷଣ ଶାଖା ରାଉରକେଲାଙ୍କ ଠାରୁ CTE (Consent To Establish) / CTO (Consent to Operate) ର ଆଦେଶ ମଧ୍ୟ ଉସର ପରିଚାଳନା ପୂର୍ବରୁ ଦାଖଲ କରିବେ । ଏ ବାବଦରେ ସମସ୍ତ ଖର୍ଚ୍ଚ ନିଲାମଧାରୀ ମାନେ ବହନ କରିବେ। |

Scanned with CamScanner

| | |
|---|---|
| 13 | ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ୍ ଧାରୀ ମାନେ ଆନୁପାତିକ ଭାବେ ବହନ କରିବେ । |
| 14 | Mining Plan ଏବଂ Environment Clearance ମଞ୍ଜୁରୀ ପରେ ଲିଜ୍ ଧାରୀ ଏକ ବର୍ଷ ପାଇଁ Royalty, Surface Rent, Royalty ର 5% EMF, Royalty ର 10% District Mineral Foundation (DMF) ଏବଂ Royalty ର 2% TCS ବାବଦକୁ ମୋଟ ସମସ୍ତ ଅର୍ଥ ପୈଠ କରିବେ । ସଂପୂର୍ଣ୍ଣ ଅର୍ଥ ପୈଠ ହେଲା ପରେ ଲିଜ୍ ଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତିପତ୍ର ସଂପାଦନ କରିବେ । |
| 15 | ଦରଖାସ୍ତକାରୀ Mines Act 1952 ଓ Explosive Act 1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ । |
| 16 | ଲିଜ୍ ଧାରୀ ସୈରାତ୍ ଉସ ର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଲିଜ୍ ଏରିଆ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ସୂଚନା ଫଳକ ତିଆରି କରି ସେଥିରେ ସୈରାତ ଉସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ । |
| 17 | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ଓ Transit Pass (Form-Y) ନ ମିଳିବା ପର୍ଯ୍ୟନ୍ତ ଲିଜ୍ ଧାରୀ ସୈରାତ ଉସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ । |
| 18 | ଲିଜଧାରୀ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପରିବହନ ପାଇଁ କେବଳ Mining Planରେ ଅନୁମୋଦନ କରାଯାଇଥିବା ଯନ୍ତ୍ର ଓ ଯାନ (Machine and Vehicle) ବ୍ୟବହାର କରି ପାରିବେ। ଯଦି ଏଥିରେ କୋଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ। |
| 19 | ଉସକୁ ଲାଗିଥିବା ରାସ୍ତା, କୂଳ ଆଦିର ରକ୍ଷଣା ବେକ୍ଷଣ ଦାୟିତ୍ୱ ନିଲାମଧାରୀ ନେବେ ଏବଂ ପ୍ରତ୍ୟେକ ବର୍ଷ ତାହାର ମରାମତି କରିବେ । |
| 20 | ଯଦି ଇସ୍ତିହାରରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ର ରହିଛି। |
| 21 | ଯଦି ଲିଜ୍ ଧାରୀ ନିଲାମର କୌଣସି ସର୍ତ୍ତାବଳୀ ଖିଲାପ କରନ୍ତି ତାହା ହେଲେ ଲିଜ୍ ବାତିଲ କରିଦିଆଯିବ ଏବଂ କୌଣସି ଦେୟ ବକେୟା ଥିଲେ ସୁଧ ବିହିନ Security Deposit ଅର୍ଥକୁ ବାଯ୍ୟାପ୍ତ କରାଯିବ । ଏହା ପରେ ମଧ ଯଦି କୌଣସି ଅର୍ଥ ଅନାଦେୟ ରୁହେ ତେବେ ସରକାରଙ୍କ ନିୟମାନୁଯାୟୀ OPDR କେଶ ମାଧମରେ ଆଦାୟ କରାଯିବ । |
| 22 | ଲିଜ୍ ନିମନ୍ତେ ଯୋଗ୍ୟ ବିବେଚିତ ଦରଖାସ୍ତକାରୀ ଲିଜ୍ ଚୂଡାନ୍ତ ହେବାର 15 ଦିନ ମଧରେ ସଂପୃକ୍ତ ସୈରାତ ଉସର ବାର୍ଷିକ ଦେୟର ଏକ ଚତୁର୍ଥାଂଶ ରାଶିରୁ ଚୁକ୍ତି ରକ୍ଷା ପାଇଁ ପ୍ରଦତ୍ତ ଅର୍ଥ (Earnest Money) କୁ ବାଦ୍ ଦେଇ ବଳକା ରାଶି କୁ ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଜମା କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security Deposit) ହିସାବରେ ରଖାଯିବ । |
| 23 | କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଏକ, ଏକାଧିକ କିମ୍ବା ସମସ୍ତ ସୈରାତ୍ ଉସର ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ । |
| 24 | ସର୍ବନିମ୍ନ ନିଶ୍ଚିତ ପରିମାଣ ଏବଂ ଉସର ରକବା ମାଇନିଂ ପ୍ଲାନ ଅନୁସାରେ ପରିବର୍ତ୍ତନ ହୋଇପାରେ । |
| 25 | ଯଦି ରୟାଲଟି ଦର କିମ୍ବା ଅନ୍ୟ କୌଣସି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜ ଧାରୀ ପରିବର୍ତ୍ତିତ ନିୟମକୁ ମାନିବାକୁ ବାଧହେବେ । |
| 26 | ଲିଜଧାରୀ ଚୁକ୍ତି ସ୍ୱାକ୍ଷର କରିବା ପୂର୍ବରୁ PAN Card ଏବଂ GST Registration Certificate ର ନକଲ ପ୍ରଦାନ କରିବେ। |

ବି.ଦ୍ର.:- ଲିଜ୍ ସମ୍ବନ୍ଧୀୟ ସମସ୍ତ ନିୟାମବଳୀ ଓ FORM-M ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ସମସ୍ତ କାର୍ଯ୍ୟଦିବସରେ ତହସିଲ କାର୍ଯ୍ୟାଳୟ, ଟାଙ୍ଗରପାଳି ରେ ଯୋଗାଯୋଗ କରିପାରିବେ ।

ତହସିଲଦାର, ଟାଙ୍ଗରପାଳି

ଜ୍ଞାପକ ସଂଖ୍ୟା ୧୪୯୮ ତା ୦୩/୦୮/୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ସୁନ୍ଦରଗଡ / ଉପ-ଜିଲ୍ଲାପାଳ, ସଦର, ସୁନ୍ଦରଗଡ ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମିତ୍ତ ପ୍ରେରଣ କରାଗଲା ।

ତହସିଲଦାର, ଟାଙ୍ଗରପାଳି

ଜ୍ଞାପକ ସଂଖ୍ୟା ୧୪୯୯ ତା ୦୩/୦୮/୨୦୨୨

ଏହାର ଏକକିତା ନକଲ ସମସ୍ତ ତହସିଲଦାର, ଜିଲ୍ଲା- ସୁନ୍ଦରଗଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଟାଙ୍ଗରପାଲି / ଟାଙ୍ଗରପାଲି ତହସିଲ ଅଧିନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତ / ସମସ୍ତ ରାଜସ୍ୱ ନାରିକ୍ଷକ, ଟାଙ୍ଗରପାଲି ତହସିଲ ଙ୍କ ନିକଟକୁ ପ୍ରେରଣ କରାଯିବା ସହ ଏହାର ବହୁଳ ପ୍ରଚାର ଏବଂ ପ୍ରସାର ନିମିତ୍ତ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ ରେ ପ୍ରଦାନ କରାଗଲା ।

ତହସିଲଦାର, ଟାଙ୍ଗରପାଲି

ଜ୍ଞାପକ ସଂଖ୍ୟା ୧୪୦୦ ତା ୦୩/୦୮/୨୦୨୨

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, NIC, ସୁନ୍ଦରଗଡ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବା ସହ ଏହି ବିଜ୍ଞାପନ କୁ ଜିଲ୍ଲା ୱେବ ସାଇଟରେ ପ୍ରଦର୍ଶିତ କରିବା ପାଇଁ ଅନୁରୋଧ କରାଗଲା କରାଗଲା ।

ତହସିଲଦାର, ଟାଙ୍ଗରପାଲି

Scanned with CamScanner

ସାରଣୀ-1

# ତହସିଲ କାର୍ଯ୍ୟାଳୟ , ଟାଙ୍ଗରପାଲି

ବର୍ଷ-2022-23

## ଲଘୁ ଖଣିଜ ଉତ୍ସ ଗୁଡିକର ବିବରଣୀ

| କ୍ର. ନମ୍ବର | ଉତ୍ସର ନାମ | ମୌଜାର ନାମ | ଜମିର ତଫସିଲ | | | Royalty (in Rs.) | Minimum Additional Charges (in Rs.) | Minimum Guaranteed Quantity (in cum per year) | Earnest Money deposit (in Rs.) |
|---|---|---|---|---|---|---|---|---|---|
| | | | ଖାତା ନମ୍ବର | ପ୍ଲଟ ନମ୍ବର | ରକବା (ଏକର) | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | କୁର୍ଗା ଝାରବେର୍ଣୀ ବାଲିଘାଟ | କୁର୍ଗା | 201 | 154 | 10.00 | 35.00 | 563.00 | 12000 | 358800.00 |
| 2 | ଲେମଲେମା ବାଲିଘାଟ | ଲେମଲେମା | 186 | 132/1645/p | 11.58 | 35.00 | 563.00 | 8000 | 239200.00 |
| 3 | ବିଲେଇଗଡ ବାଲିଘାଟ | ବିଲେଇଗଡ | 217 | 1240/p | 12.00 | 35.00 | 563.00 | 12000 | 358800.00 |
| 4 | ଅବନକେଲା ବାଲିଘାଟ | ଅବନକେଲା | 175 | 996/1501/1 | 11.60 | 35.00 | 563.00 | 20000 | 598000.00 |
| 5 | ନଦୀସୁଗୁଡା ବାଲିଘାଟ | ନଦୀସୁଗୁଡା | 113 | 338/1350/p | 11.85 | 35.00 | 563.00 | 20000 | 598000.00 |
| 6 | ଏର୍ଗାପିଟା ବାଲିଘାଟ | ଏରଗାପିଟା | 34(AAA) | 220/p | 11.55 | 35.00 | 563.00 | 15000 | 448500.00 |

ତହସିଲଦାର, ଟାଙ୍ଗରପାଲି

Scanned with CamScanner